ଧରିତ୍ରୀ
DHARITRI
ରବିବାର, ଏପ୍ରିଲ୍ ୧୧, ୨୦୨୧



## ସଂକ୍ଷେପରେ

### ୩ ଗଞ୍ଜେଇ ଚାଲାଣକାରୀ ଗିରଫ



କୋଡିଙ୍ଗା,୧୦।୪(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାପଡାହାଣ୍ଡି ଥାନା ଅଧୀନ ଡୁମୁରିପଦର ଗ୍ରାମର ବାଲା ନାୟାକ(୨୮), ଲଛମନ ନାୟକ (୪୦) ଓ କଳାହାଣ୍ଡି ଜିଲା ଆଣପାଣି ଥାନା ଅଧୀନ ଭେଲୁଆଝୋର ଗ୍ରାମର ଡମ୍ବରୁ ନାୟକ (୨୬)। ସୂଚନା ଅନୁଯାୟୀ, କୋଡିଙ୍ଗା ପୋଲିସ ମାଲେକୋଟ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବାଇକ(ଓଡି-୧୦ଆର୍-୫୧୫୯)କୁ ଅଟକାଇ ଥିଲା। ଯାଞ୍ଚ ବେଳେ ସେଥିରୁ ୫୩ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ନେଇ ଯାଉଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ବାଇକ୍ ସହ ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ ସ୍ମାର୍ଟ ଫୋନ, ଦୁଇଶହ ଟଙ୍କା ଜବତ କରିଛି। ୬୪/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କୋଡିଙ୍ଗା ଥାନାଧିକାରୀ ସରିତା ମହାପାତ୍ର ସୂଚନା ଦେଇନ୍ତି।

### ଖାଇବା ଷ୍ଟଲରେ ଯାଞ୍ଚ ଦାବି

ଜୟପୁର,୧୦।୪(ନି.ପ୍ର)- ଜୟପୁର ସହରର ଜଣେ ଗ୍ରାହକ ଏମ୍‌ଜି ରୋଡସ୍ଥିତ ଏକ ହୋଟେଲରୁ ପିଆଜି କିଣି ଘରକୁ ନେଇଥିଲେ। ସେଥିରୁ ପିଆଜିରୁ ଅସରପା ବାହାରିଥିଲା। ଏହାକୁ ନେଇ ସହରବାସୀ ଏବେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯାଞ୍ଚ କଡାକଡ଼ି ହେଉ ନ ଥିବାରୁ ଏପରି ଘଟଣା ଘଟିଛି ଲୋକେ ଅଭିଯୋଗ କରିଛନ୍ତି। ପୌର ପରିଷଦ ଓ ସ୍ୱାସ୍ଥ୍ୟ ବିଭାଗ ସହରରେ ଥିବା ବିଭିନ୍ନ ଫୁଡ୍ ଷ୍ଟଲକୁ ଯାଞ୍ଚ କରିବା ଜରୁରୀ। ବଡବଡ ଜଳଖିଆ ଦୋକାନୀମାନେ ବାସି ଖାଦ୍ୟ ବିକ୍ରି କରୁଥିବା ବେଳେ ରାସ୍ତାକଡରେ ବିକ୍ରି ହେଉଥିବା ଗୁପଚୁପ, ଚାଟ, ବିଭିନ୍ନ ସୁପ,ଚଉମିନ, ବରା, ଇଡ୍‌ଲି, ପକୁଡି, ସିଙ୍ଗଡା, ଏପରିକି ମିଠା ଜାତୀୟ ଖାଦ୍ୟ ପଦାର୍ଥ ବାସି ବିକ୍ରି ଚାଲିଛି। ଯାଞ୍ଚ ନ କଲେ ଖରା ଓ ଅଦିନିଆ ବର୍ଷାରେ ଲୋକେ ବିଶେଷଭାବେ ପ୍ରଭାବିତ ହେବେ। ଏନେଇ ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢ଼ୀଙ୍କ ସହ ଯୋଗାଯୋଗ କରିବାରୁ, ଅଧିକାଂଶ ହୋଟେଲରେ ଫୁଡ ଲାଇସେନ୍ସ ନାହିଁ। ଲାଇସେନ୍ସ ନିମନ୍ତେ ଏକ ସଂସ୍ଥାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଦୋକାନୀମାନେ କିପରି ଫୁଡ୍ ଲାଇସେନ୍ସ କରିବେ ସେମାନଙ୍କୁ ପ୍ରବର୍ତ୍ତାଯାଉଛି। ଆଗମୀ ଦିନରେ ହୋଟେଲଗୁଡିକ ଉପରେ ଚଢାଉ କରାଯିବ ବୋଲି ସେ କହିଛନ୍ତି।

### ଗଭୀର କୂଅରୁ ଗାଈ ଉଦ୍ଧାର

କୋରୁକୋଣ୍ଡା,୧୦।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ନିଳାକାମ୍ବେରୁ ପଞ୍ଚାୟତ ସଦର ଗାଁରେ ଏକ ଗଭୀର କୂଅରେ ପଡ଼ିଯାଇଥିବା ଗାଈକୁ ଶନିବାର ଉଦ୍ଧାର କରାଯାଇଛି। କୋରକୁଣ୍ଡା ଅଗ୍ନିଶମ ବାହିନୀ ସତର୍କତାର ସହ ଗାଈକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ସୂଚନା ଅନୁଯାୟୀ, ବାଲିମେଲା ଏନ୍‌ଏସିର ନୀଳାଦ୍ରି ନଗର ବସ୍ତିରେ ଏକ ଅଣ ଓସାରିଆ କୂଅ ରହିଛି। କୂଅର ଉଚ୍ଚତା ବହୁତ କମ୍ ରହିଥିବାରୁ ଗାଈଟି ଅସାବଧାନତା ବଶତଃ କୂଅରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଅନେକ ଚେଷ୍ଟା କରି ବିଫଳ ହେବାପରେ କୋରକୁଣ୍ଡା ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଶେଷରେ ଅଗ୍ନିଶମ କର୍ମଚାରୀମାନେ ବହୁ ଚେଷ୍ଟାକରି ତାକୁ ଉଦ୍ଧାର କରିଥିଲେ।

# ଜୟପୁରରେ ନାଇଟ୍ କର୍ଫ୍ୟୁର ସମୀକ୍ଷା କଲେ ଏସ୍‌ପି

ଜୟପୁର, ୧୦।୪(ନି.ପ୍ର.)

- କୋଭିଡ୍ ନିୟମ ଉଲ୍ଲଂଘନ କରି ସନ୍ଧ୍ୟା ଫଙ୍କ୍‌ଶନ ହଲ୍‌କୁ ଜରିମାନା, ସିଲ୍
- ଛତିଶଗଡ଼କୁ ବସ୍ ଚଳାଚଳ ବନ୍ଦ


ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

ରାଜ୍ୟରେ ବର୍ଦ୍ଧିତ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର କୋରାପୁଟ ସମେତ ୧୦ ଜିଲାରେ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଠପଲ୍ଲୀ ଜୟପୁରରେ ପହଞ୍ଚି ନାଇଟ୍ କର୍ଫ୍ୟୁର ସମୀକ୍ଷା କରିଛନ୍ତି। ଏସ୍‌ପି ଜୟପୁର ମୁଖ୍ୟ ଟ୍ରାଫିକ ଛକ ରାଜା ନହରଠାରେ ପହଞ୍ଚି ନାଇଟ୍ କର୍ଫ୍ୟୁ ନିୟମ ଠିକ୍‌ଭାବେ ଚାଲିଛି ନା ନାହିଁ ତାହା ତଦାରଖ କରିଥିଲେ। ନାଇଟ୍ କର୍ଫ୍ୟୁକୁ କଡ଼ାକଡ଼ି କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

କରୋନାର ଦ୍ୱିତୀୟ ଲହରକୁ ନେଇ ସତର୍କ କରାଇଛନ୍ତି ସରକାର। କୋରାପୁଟ ସମେତ ୧୦ ଜିଲାରେ ଏବେ ନାଇଟ କର୍ଫ୍ୟୁ ଜାରି କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ ଜାରି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାସ୍କ ପରିଧାନ ବାଧ୍ୟତାମୂଳକ କରିଛନ୍ତି। ଅମାନିଆଙ୍କୁ ଏବେ ଜାରିମାନା ଦ୍ୱିଗୁଣ ଦେବାକୁ ହେବ। ଏ ନେଇ ଜୟପୁର ଉପଖଣ୍ଡରେ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ କଡାକଡ଼ି କରାଯାଇଛି। ଜୟପୁର, ବୋରିଗୁମ୍ମା ଏବଂ କୋଟପାଡ଼ ଅଞ୍ଚଳରେ ନାଇଟ କର୍ଫ୍ୟୁକୁ କଡ଼ାକଡ଼ି କରାଯାଉଛି। ଅମାନିଆଙ୍କଠାରୁ ମୋଟା ଅଙ୍କରେ ଆଦାୟ ହେଉଛି ଜରିମାନା। ଜୟପୁର ସହରସ୍ଥିତ ସନ୍ଧ୍ୟା ଫଙ୍କ୍‌ସନ ହଲ୍‌ରେ ବିନା ଅନୁମତିରେ ଲୋକେ ଆସର ଜମାଇଥିବା ବେଳେ ଟାଉନ ପୋଲିସ ଚଢ଼ାଉକରି ୩୦ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ଏହାକୁ ୩ ଦିନ ପାଇଁ ସିଲ୍ କରିଛି। ଶନିବାର ଓଡ଼ିଶା-ଛତିଶଗଡ଼ ସୀମା ସିଲ୍ କରାଯାଇଛି। ବସ୍ ଚଳାଚଳ ବନ୍ଦ ରହିଛି। ଜରୁରୀ ସମୟରେ କରୋନା ନେଗେଟିଭ୍ ପ୍ରମାଣପତ୍ର ଦେଖାଇଲେ ଓଡ଼ିଶାକୁ ଛଡ଼ାଯିବ ବୋଲି ସୂଚନା ଦେଇଛନ୍ତି ଏସ୍‌ପି। ଯଦିଓ କୋରାପୁଟ ଜିଲାରେ କରୋନାର ଗ୍ରାଫ ବିଶେଷ ବୃଦ୍ଧି ପାଇନାହିଁ ତଥାପି ଜୟପୁରସ୍ଥିତ ଜିଲା କୋଭିଡ୍ ମେଡିକାଲକୁ ପ୍ରସ୍ତୁତ କରାଯାଉଛି ବୋଲି କୋରାପୁଟ ଜିଲାପାଳ ଅବଦୁଲ ଅଖତର କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି ବୋଲି କୋରାପୁଟ ସିଡିଏମ୍‌ଓ ଡକ୍ଟର ମକରନ୍ଦ ବେଉରା ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ଏହି ଗସ୍ତବେଳେ ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନାଧିକାରୀ ବାଲେଶ୍ୱର ଗିଧି, ସଦର ଥାନାଧିକାରୀ ଆଦିତ୍ୟ ମହାକୁଡ଼ଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ, ଫଟୋ ଭାଇରାଲ କରି ସ୍ୱାମୀ ଗିରଫ

ଉମରକୋଟ,୧୦।୪(ସ୍ୱ.ପ୍ର.)


ପୋଲିସ ଗହଣରେ ଗିରଫ ଅଭିଯୁକ୍ତ।

ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ଭାଇରାଲ କରିବା ଅଭିଯୋଗରେ ଉମରକୋଟ ପୋଲିସ ସ୍ଥାନୀୟ ଅଞ୍ଚଳର ମନୋଜ ନାୟକଙ୍କୁ ଗିରଫ କରିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ମୋବାଇଲ ଜବତ କରି ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ପୀଡ଼ିତା ଜଣଙ୍କ ଆଗରୁ ମନୋଜଙ୍କୁ ପ୍ରେମ କରୁଥିଲେ। ୨୦୧୨ରେ ତାଙ୍କ ବିବାହ କୋଷାଗୁମୁଡ଼ା ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ହୋଇଥିଲା। ସେମାନଙ୍କର ଗୋଟିଏ ଝିଅ ମଧ୍ୟ ରହିଛି। କିନ୍ତୁ ପୀଡ଼ିତା ମନୋଜଙ୍କ ସହ ନିଜ ସମ୍ପର୍କ ବଜାୟ ରଖିଥିଲେ। ଏହା ଜାଣିବା ପରେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ପୀଡିତା ୨୦୧୮ରେ କିଛିଦିନ ଆସି ବାପଘରେ ରହିଥିଲେ। ସେଠାରେ ରହିବା ପରେ ତାଙ୍କ ପରିବାର ଲୋକେ ଜ୍ୱାଇଁଙ୍କୁ ଡକାଇ ଝିଅକୁ ନେଇଯିବାକୁ କହିଥିଲେ। ସ୍ୱାମୀ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ଆଣି ମନୋଜଙ୍କ ପାଖରେ ଛାଡି ଦେଇ ଯାଇଥିଲେ। ପୀଡିତା ଜଣଙ୍କ ପ୍ରେମିକ ମନୋଜଙ୍କୁ ୨୦୧୮ରେ ବିବାହ କରି ତାଙ୍କ ପାଖରେ ରହୁଥିଲେ। ମନୋଜ ପୀଡିତାଙ୍କର କେତେକ ଅଶ୍ଳୀଳ ଫଟୋ ଓ ଭିଡିଓ ଉଠାଇ ଫେସ୍‌ବୁକ୍‌ରେ ଏକ ଫେକ୍ ଆଇଡି କରି ଅପ୍‌ଲୋଡ୍ କରିଥିଲେ। ଏଥିସହ ୟୁ ଟ୍ୟୁବ୍‌ରେ ମଧ୍ୟ କେତେକ ଫଟୋ ଓ ଭିଡିଓ ଅପ୍‌ଲୋଡ କରିଥିଲେ। ପୀଡିତା ଜଣଙ୍କ ଏହା ଜାଣିପାରି ଶୁକ୍ରବାର ରାତିରେ ଉମରକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ କେଶ୍ ନଂ. ୧୩୯/୨୧ରେ ମାମଲା ରୁଜୁ କରି ମନୋଜଙ୍କୁ ଗିରଫ କରିଛି। ସୋସିଆଲ୍ ମିଡିଆରୁ ସମସ୍ତ ଫଟୋ ଓ ଭିଡିଓ ଡିଲିଟ୍ କରାଯିବ ବୋଲି ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନ କହିଛନ୍ତି।

# ଜୟପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର, ୧୦।୪(ନି.ପ୍ର.)


ଲୋକ ଅଦାଲତରେ ଉପସ୍ଥିତ ଜଜ୍, ଆଇନଜୀବୀ ଓ ଅନ୍ୟମାନେ।

ଜୟପୁର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ତଥା ସ୍ଥାୟୀ ନିରନ୍ତର ଲୋକ ଅଦାଲତ ମାଧ୍ୟମରେ ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ବହୁ ମକଦ୍ଦମାର ଆପୋସ ମିଳାମିଶା ମାଧ୍ୟମରେ ସମାଧାନ କରାଯାଇଛି। ଏହି ରାଷ୍ଟ୍ରୀୟ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଦେୱାନୀ, ଫୌଜଦାରି, ସାଲିସଯୋଗ୍ୟ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ସମାଧାନ କରାଯାଇଥିଲା। ଏହି ଲୋକ ଅଦାତଲରେ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା କୋରାପୁଟ ଜିଲା ଜୟପୁର କୋର୍ଟର ଦୌରା ଜଜ୍ ବିମଳ କୁମାର ଚାନ୍ଦ, ପରିବାର ଅଦାଲତ ବିଚାରପତି ଦିଗମ୍ବର ପୁଷ୍ଟି, ସ୍ଥାୟୀ ଲୋକ ଅଦାଲତ ବିଚାରପତି ସରୋଜ କୁମାର ସାହୁ, ଅତିରିକ୍ତ ଜିଲା ଜଜ୍ ରାଜେଶ ନାୟାର, ସିଜେଏମ୍ ପ୍ରଣତୀ ପଟ୍ଟନାୟକ, ରେଜିଷ୍ଟ୍ରାର ଶରତ କୁମାର ଜେନା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ମୁସ୍‌ରତ ଜାହିନି, ଏସ୍‌ଡିଜେଏମ୍ ଜନ୍ମେଜୟ ପଲାଇ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ସୁନୀଳା ମିଶ୍ର, ଭାନୁପ୍ରତାପ ମିଶ୍ର ପଲ୍ଲବୀ ପ୍ରିୟଦର୍ଶିନୀ ଦାସ ଉପସ୍ଥିତ ରହି ମାମଲା ସମାଧାନ କରିଥିଲେ। ଏହା ବ୍ୟତୀତ ଜୟପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ର, ଦାଶରଥି ପଟ୍ଟନାୟକ, ତ୍ରିନାଥ ସିଂହ ଲାଲା, ବଳରାମ ଖରା, ପି. ଈଶ୍ୱର ରାଓ, ମନୋଜବାଳା ଦିନ ବନ୍ଧୁ, ତାରିଣୀ ପାଣିଗ୍ରାହୀ, ପି. ବ୍ରହ୍ମାନନ୍ଦମ, ସୁନୀଲ ମହାନ୍ତି, ବିନୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମାମଲାର ସମାଧାନ କରିବାରେ ସହଯୋଗ କରିଥିଲେ। ଲୋକ ଅଦାଲତରେ ସମୁଦାୟ କ୍ରିମିନାଲ କମ୍ପାଉଣ୍ଡେବଲ କେସ୍, ଏନ୍.ଆଇ. ଆକ୍ଟ ଏବଂ ବ୍ୟାଙ୍କ କେସ୍, ଏମ୍‌ଏସ୍‌ଟି କେସ୍ ଏବଂ ଅନ୍ୟ ଦେୱାନି କେସ୍ ଓ ମକଦ୍ଦମା ସହିତ ୧୧୫ଟି କେସ୍‌ର ସମାଧାନ କରାଯାଇଥିଲା। ହିତାଧିକାରୀଙ୍କୁ ୬୩ଲକ୍ଷ ୮୮,୬୧୭ ଟଙ୍କା ସହାୟତା ମିଳିବ। ପ୍ରି-ଲିଟିଗେସନ କେସ୍ ମଧ୍ୟରେ ୨୯ଟି ବ୍ୟାଙ୍କ ବିବାଦ ସମାଧାନ କରାଯାଇ ୨୪ହଜାର ୪୫୬ ଟଙ୍କା ଆଦାୟ କରାଯାଇଛି।

### ମାଣ୍ଡିଆ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

କାଳିମେଳା,୧୦।୪(ଡି.ଏନ୍.ଏ.)

ଜୟପୁରରୁ ହାଇଦ୍ରାବାଦ ଯାଉଥିବା ଏକ ୧୦ ଚକିଆ ମାଣ୍ଡିଆ ବୋଝେଇ ଟ୍ରକ୍ ଶନିବାର ସକାଳେ ମାଲକାନଗିରି ଜିଲା ୩୨୬ ନଂ ଜାତୀୟ ରାଜପଥ କାଳିମେଳା ନିକଟରେ ଦୁର୍ଘଟଣା ହୋଇଥିଲା। ଏଥିରେ ଟ୍ରକ୍ ମଧ୍ୟରେ ଥିବା ଚାଳକ ଓ ହେଲ୍‌ପର ଅଳ୍ପକେ ରକ୍ଷା ପାଇଛନ୍ତି। ତେବେ ଦୁର୍ଘଟଣାରେ ଟ୍ରକ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ସେଥିରେ ଥିବା ମାଣ୍ଡିଆ ରାସ୍ତା ଉପରେ ପଡ଼ିଛି। ଘଟଣାରୁ ପ୍ରକାଶ, ଜୟପୁରର ଉମିୟା ଏଣ୍ଟରପ୍ରାଇଜ୍ ନାମକ ଏକ ଘରୋଇ କମ୍ପାନିରୁ ପ୍ରାୟ ୩୦ ଟନ୍ ମାଣ୍ଡିଆ ନେଇ ଟ୍ରକ୍(ଓଡି ୧୦ପି ୧୫୬୪)ଟି ଶୁକ୍ରବାର ଜୟପୁରରୁ ବାହାରିଥିଲା। ଭୋର୍ ୪ଟାବେଳେ କାଳିମେଳା ବଜାର ଉପରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିବା ଚାଳକ ସନିଆ ଜାନି ଏବଂ ହେଲ୍‌ପର ବସନ୍ତ ହରିଜନ କହିଛନ୍ତି। ସକାଳେ କାଳିମେଳା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଏଡିଜେ କୋର୍ଟର ଦୁଇ କର୍ମଚାରୀ କରୋନା ପଜିଟିଭ

ଗୁଣପୁର,୧୦।୪(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଏଡିଜେ (ଅତିରିକ୍ତ ଜିଲା ଜଜ୍) କୋର୍ଟର ଦୁଇ କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଏହାପରେ ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ସ୍ଥାନକୁ ସାନିଟାଇଜ୍ କରାଯାଇଛି।

### ୨.୬୮ ଲକ୍ଷ ଜରିମାନା

ଛତ୍ରପୁର,୧୦।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲିସ ପକ୍ଷରୁ ସମସ୍ତ ଥାନା ଅଞ୍ଚଳରେ ମାସ୍କ, ସାମାଜିକ ଦୂରତା ଓ ଗାଡିମୋଟର ଯାଞ୍ଚ ଚାଲିଛି । ଗତ ୨୪ ଘଣ୍ଟାରେ ଏହି ପୋଲିସ ଜିଲାରେ ଅମାନିଆ ଗାଡ଼ିଚାଳକ ଓ କୋଭିଡ୍ ନିୟମ ଖିଲାପକାରୀଙ୍କ ଠାରୁ ୨ ଲକ୍ଷ ୬୮ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ ୪ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ ରଦ୍ଦ କରିବାକୁ ଆରଟିଓଙ୍କୁ ପଠାଯାଇଛି। ବେଆଇନ୍ ମଦ କାରବାର ଉପରେ ଚଢାଉ କରାଯାଇ ୮ ଜଣଙ୍କୁ ଗିରଫ କରାଯିବା ସହ ୧୭୩.୭ ଲିଟର ମଦ ଜବତ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ସଚେତନତା ବାର୍ତ୍ତା ପ୍ରଚାର କରୁଛି ପୋଲିସ, ପ୍ରଶାସନ


ପୋଲିସ ଏସ୍‌ଡିପିଓଙ୍କ ନେତୃତ୍ୱରେ କୋରାପୁଟ ସହରରେ ଲୋକଙ୍କୁ ସଚେତନ କରାଯାଉଛି।

କୋରାପୁଟ,୧୦।୪(ସ୍ୱ.ପ୍ର.)

**ଶନିବାର କୋରାପୁଟରୁ ୮ କରୋନା ପଜିଟିଭ ଚିହ୍ନଟ**

କୋରାପୁଟରେ କରୋନା ଗ୍ରାଫ୍ ଦିନକୁ ଦିନ ବଢ଼ିବାରେ ଲାଗିଛି। କୋରାପୁଟ ଜିଲାରେ ଶନିବାର ପୁଣି ୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୨ ଜଣ ପୁରୁଷ ଓ ୬ ଜଣ ମହିଳା ରହିଛନ୍ତି। ଜୟପୁର ମ୍ୟୁନିସିପାଲିଟିରୁ ୫ ଜଣ, କୋରାପୁଟ ମ୍ୟୁନିସିପାଲିଟି ଗାନ୍ଧୀନଗର, କୋଟପାଡ ବ୍ଲକ ଧୁଳିପୁର ଗ୍ରାମ ଏବଂ ଦଶମନ୍ତପୁର ବ୍ଲକ ନୂଆସାହିରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ଶନିବାର ସୁଦ୍ଧା କୋରାପୁଟ ଜିଲାରେ ୧ଲକ୍ଷ ୭୪ ହଜାର ୩୩୦ ଜଣ କୋଭିଡ୍ ଟିକା ନେଇସାରିଲେଣି। କରୋନା ଆକ୍ରାନ୍ତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ସେହିପରି କୋରାପୁଟ ପୋଲିସ ଲୋକଙ୍କୁ ସଚେତନ କରୁଛି। ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ସେହିପରି ସାମାଜିକ ଦୂରତା ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାକୁ ମାନୁ ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଯେଉଁ ବ୍ୟବସାୟୀମାନେ ଏହାକୁ ଠିକ୍ ଭାବେ ମାନୁନାହାନ୍ତି ସେମାନଙ୍କୁ ତାଗିଦ କରିବା ସହ ଆବଶ୍ୟକ ହେଲେ ବ୍ୟବସାୟ ପ୍ରତିଷ୍ଠାନ ସିଲ୍ କରାଯିବ ବୋଲି କୋରାପୁଟ ଏସ୍‌ଡିପିଓ ଗୁଣନିଧି ମଲ୍ଲିକ କହିଛନ୍ତି।

# ତୃତୀୟ ଭାଷା ବିକଳ୍ପରେ ଧନ୍ଦାମୂଳକ ଶିକ୍ଷାକୁ ସାମିଲ କରା ନ ଯାଉ

କୋରାପୁଟ ,୧୦।୪(ସ୍ୱ.ପ୍ର.)

**କୋରାପୁଟ ଜିଲା ଲୋକଭାଷା ପ୍ରଚାର ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**


କୋରାପୁଟ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ଲୋକଭାଷା ପ୍ରଚାର ସମିତି କୋରାପୁଟ ଜିଲା ଶାଖା ପକ୍ଷରୁ ସଂସ୍କୃତ ଶିକ୍ଷକମାନେ ଜିଲାପାଳ ଅବ୍‌ଦାଲ ଅଖ୍‌ତାରଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୬ରେ ରାଜ୍ୟ ସରକାର ହାଇସ୍କୁଲ ପାଠ୍ୟକ୍ରମରେ ଧନ୍ଦାମୂଳକ ଶିକ୍ଷା ଆରମ୍ଭ କରିଛନ୍ତି । ଏହାକୁ ଇଚ୍ଛାଧୀନ ତୃତୀୟ ଭାଷାରେ ସାମିଲ କରାଯାଇଛି। ଭାଷା ବିଷୟ ସହିତ ଧନ୍ଦାମୂଳକ ବିଷୟର କୌଣସି ସଂଯୋଗ ନାହିଁ। ତୃତୀୟ ଭାଷା ବିକଳ୍ପରେ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ ନ କରିବାକୁ ଦାବି କରାଯାଇଛି। ଲୋକଭାଷା ପ୍ରଚାର ସମିତିର ମନୋଜ କୁମାର ବେହେରା, ପ୍ରକାଶ ଚନ୍ଦ୍ର ପଣ୍ଡା, ସନାତନ ମହାରଣା, ରଞ୍ଜନ ପଣ୍ଡା, ବୀରେନ୍ଦ୍ର କୁମାର ଷଡ଼ଙ୍ଗୀ, ଅମିତାଭ ପଣ୍ଡା, ସୌମ୍ୟରଞ୍ଜନ ପ୍ରଧାନ, ଜ୍ୟୋତିରଞ୍ଜନ ନନ୍ଦ, ଈଶ୍ୱର ଚନ୍ଦ୍ର ଦେ, ଡ. ସଞ୍ଜୟ କୁମାର ମଲ୍ଲିକ, ପରମେଶ୍ୱର ଦାସ, ନୀଳମାଧବ ପାଣିଗ୍ରାହୀ, ଅନନ୍ତ ପଣ୍ଡା, ନମିତା ସାମଲ, ଗୀତାଞ୍ଜଳୀ ପରିଡ଼ା, ଶୁଚିସ୍ମିତା ଜେନା, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ସ୍କୁଲ ଆଗରେ ଜମିଛି କୁଢ଼କୁଢ଼ ଅଳିଆ

ନବରଙ୍ଗପୁର, ୧୦।୪ (ବି.ପ୍ର.)



- ପରିବେଶ ପୂତିଗନ୍ଧମୟ
- ରବିବାର ଅଳିଆ ଉଠାଇବାକୁ ପ୍ରତିଶ୍ରୁତି

ନ ବ ର ଙ୍ଗ ପୁ ର ପୌରାଞ୍ଚଳର ୨ନମ୍ବର ୱାର୍ଡ ତଥା ଭଗବତୀସାହି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ସପ୍ତାହେ ବ୍ୟାପୀ ଆବର୍ଜନା ରାସ୍ତା ଉପରେ ପଡ଼ିରହିଛି। ଫଳରେ ପୂତି ଗନ୍ଧମୟ ପରିବେଶରେ ପଥିକ ଓ ଅଞ୍ଚଳବାସୀ ଅତିଷ୍ଠ ହେଲେଣି। ଅନେକଥର ଜଣାଇବା ପରେ ମଧ୍ୟ ଆବର୍ଜନା କିଭଳି ଉଠିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମଶାମାଛିଙ୍କ ପ୍ରକୋପ ବଢୁଥିବାରୁ ମ୍ୟାଲେରିଆ ବ୍ୟାପିବା ଭୟ ରହୁଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ରବିବାର ଆବର୍ଜନା ଉଠାଯିବ ବୋଲି କହିଛନ୍ତି।

# ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଉମରକୋଟ, ୧୦।୪(ସ୍ୱ.ପ୍ର.)


ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ଛତିଶଗଡ଼ ସୁକ୍‌ମା-ବିଜାପୁର ସୀମା ଟେକଲଗୋଡ଼ ଗ୍ରାମ ନିକଟରେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କୁ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଶନିବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଉମରକୋଟ ନୂତନ ବସ୍‌ଷ୍ଟାଣ୍ଡସ୍ଥିତ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ କ୍ୟାଣ୍ଡେଲ ଲଗାଇ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶହୀଦଙ୍କ ପରିବାରକୁ ଭଗବାନ ସାହସ ଓ ଶକ୍ତି ଦିଅନ୍ତୁ ବୋଲି ସମସ୍ତେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ଜିଲା ସଂଯୋଜକ ପ୍ରମୋଦ ପାଢ଼ୀ, ବିଜୁ ଛାତ୍ର ଜନତା ଦଳ ସଭାପତି ସୁଧାଂଶୁ ଦାସ, ପ୍ରଫୁଲ୍ଲ ପଣ୍ଡା, କୈଳାସ ନାୟକ , ହିମାଂଶୁ ଜେନା, ଚନ୍ଦନ ବେହେରାଙ୍କ ସମେତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

# ଫଇସଲା ହେଲା ୧୫୫ କେସ୍

ନବରଙ୍ଗପୁର, ୧୦।୪( ବି.ପ୍ର. )


ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି ।

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୧ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କୋଭିଡ୍ କଟକଣାରେ ଏହା ଅନୁଷ୍ଠିତ ହୋଇଛି। ଜିଲା ଜଜ୍ ଗୋଟିଏ ଏମ୍‌ଏସିଟି କେଶ୍ ଫଇସଲା କରି ୧ ଲକ୍ଷ ୮୦ ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ପରିବାର ବିଚାର ବିଭାଗୀୟ ଜଜ୍ ରାଜେନ୍ଦ୍ର କୁମାର ତୋଷ ୭ଟି ଫୌଜଦାରି କେଶ୍‌ରୁ ଗୋଟିଏରେ ଆପୋସ ମିଳାମିଶା କରାଇଛନ୍ତି। ସେହିଭଳି ଅନ୍ୟ ୬ଟି କେସରେ ଭରଣପୋଷଣ ବାବଦକୁ ୨ ଲକ୍ଷ ୪୧ ହଜାର ୭୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଦାମ ଚରଣ ଦାଶ ୨ଟି ମକଦ୍ଦମା ଫଇସଲା କରିଛନ୍ତି। ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରିୟରଞ୍ଜନ ଓଝା ୭୬ଟି ଫୌଜଦାରି ମକଦ୍ଦମା ଓ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସୁମନ୍ତ ପଟ୍ଟନାୟକ ୨ଟି ଫୌଜଦାରି ମକଦ୍ଦମାର ଫଇସଲା କରିଛନ୍ତି। ଲୋକ ଅଦାଲତରେ ବ୍ୟାଙ୍କର ଗୋଟିଏ ପ୍ରାକ୍ ମକଦ୍ଦମା ଫଇସଲା କରାଯାଇ ୨୦,୦୦୦ ଟଙ୍କା ଋଣ ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ସର୍ବମୋଟ ୧୫୫ ଗୋଟି କୋର୍ଟ କେଶ୍‌ର ଫଇସଲା କରାଯାଇଛି। ଉକ୍ତ ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାସ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଏହାକୁ ପରିଚାଳନା କରିଥିଲେ। କୋର୍ଟର ଆଇନଜୀବୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ସାହାଯ୍ୟ କଲେ ପୋଲିସ ଅଧିକାରୀ



କୁଡୁମୁଲୁଗୁମା,୧୦।୪- ଜଣେ ଆର୍ଥିକ ଦୁର୍ବଳ ଛାତ୍ରୀଙ୍କୁ ଉତ୍ତମ ମନୁଷ୍ୟଭାବେ ଗଢ଼ିତୋଳିବା ପାଇଁ ଆଗକୁ ଆସିଛନ୍ତି ମାଲକାନଗିରି ଜିଲା କୁଡୁମୁଲୁଗୁମା ଫାଣ୍ଡି ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା। ନାକାମାମୁଡି ପଞ୍ଚାୟତର ରାଇପୁର ଭଳି ପାହାଡ଼ି ଅଞ୍ଚଳର ଗୌରୀ ପାଙ୍ଗିଙ୍କ ପାଠପଢ଼ା ପ୍ରତି ଆଗ୍ରହ ଜାଣିବା ପରେ ଅନ୍‌ଲାଇନ୍ ପାଠପଢ଼ା ଓ ଅନ୍ୟାନ୍ୟ ଶିକ୍ଷାଲାଭ ନିମନ୍ତେ ତାଙ୍କୁ ଏକ ଆଣ୍ଡ୍ରଏଡ୍ ମୋବାଇଲ୍ ପ୍ରଦନ କରିଛନ୍ତି। ପିଲାଟି ବାପା ଆରପାରିକୁ ଚାଲିଯାଇଥିବାବେଳ ମା’ ଅନ୍ୟ ଘରେ କାମ କରି ପରିବାର ଚଳାନ୍ତି। ହେଲେ ଗୌରୀଙ୍କ ପାଠପଢ଼ାରେ ପ୍ରବଳ ଆଗ୍ରହ ଦେଖି କୁଡୁମୁଲୁଗୁମାର କେତେଜଣ ସାମାଜିକ କର୍ମୀ ତାଙ୍କୁ ଯୁକ୍ତ ତିନିରେ ନାମ ଲେଖାଇଥିଲେ। ଏ ବିଷୟରେ ପୋଲିସ ଅଧିକାରୀ ଜଣଙ୍କ ଜାଣିବାପରେ ଛାତ୍ରୀଙ୍କୁ ମୋବାଇଲ୍ ଦେଇଥିବାବେଳେ ପାଠପଢ଼ାରେ ସମସ୍ତ ସହଯୋଗ କରିବେ ବୋଲି ପତିଶ୍ରୁତି ଦେଇଛନ୍ତି। ଏହାକୁ ନେଇ ଗୌରୀ ମଧ ପୋଲିସ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଷ୍ଟେଶନରେ ମାସ୍କ ଯାଞ୍ଚ

ମୁନିଗୁଡ଼ା,୧୦।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ରେଳ ଷ୍ଟେଶନରେ ଶନିବାର ମାସ୍କ ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଆର୍‌ପିଏଫ୍ ଏବଂ ଜିଆର୍‌ପିର ମିଳିତ ଉଦ୍ୟମରେ ଯାଞ୍ଚବେଳେ ମାସ୍କ ନ ପିନ୍ଧିବା ଘଟଣାରେ ଅନେକ ଯାତ୍ରୀଙ୍କଠାରୁ ଜରିମାନା



ଆଦାୟ କରାଯାଇଛି। ବିଭିନ୍ନ ଟ୍ରେନ୍‌ରୁ ଓହ୍ଲାଇଥିବା ଯାତ୍ରୀ ବିନା ମାସ୍କରେ ପ୍ଲାଟଫର୍ମରେ ବୁଲୁଥିଲେ। ଏହି ସମୟରେ ଜିଆର୍‌ପି ଓ ଆର୍‌ପିଏଫ୍ ଅଧିକାରୀମାନେ ସେମାନଙ୍କୁ ମାସ୍କ ପିନ୍ଧିବାକୁ ତାଗିଦ କରିବା ସହ ଜରିମାନା ଆଦାୟ କରିଥିଲେ। ଯାଞ୍ଚବେଳେ ଆର୍‌ପିଏଫ୍ ଇନ୍ସପେକ୍ଟର ୱାଇ.ପି. ଅଭୟ, ଜିଆର୍‌ପି ଫାଣ୍ଡି ଅଧିକାରୀ ମକାରୁ ସାହୁଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ।

# ରାୟଗଡ଼ା ଜିଲାରୁ ଦିନକରେ ୪୭ ପଜିଟିଭ

ରାୟଗଡା ଅଫିସ,୧୦।୪

ରାୟଗଡ଼ା ଜିଲାରେ କରୋନା ଭୁତାଣୁ ପୁଣି କାୟା ବିସ୍ତାର କରୁଛି। ଶୁକ୍ରବାର ଜିଲାରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଶନିବାର ଦିନକରେ ୪୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୩୯ ଜଣ ରହିଛନ୍ତି। ସେହିପରି ଗୁଣପୁର ସହରାଞ୍ଚଳରୁ ୪, କାଶୀପୁର ବ୍ଲକ୍‌ରୁ ୨, ମୁନିଗୁଡ଼ାରୁ ୧, ରାୟଗଡ଼ା ଗ୍ରାମାଞ୍ଚଳରୁ ୧ ରହିଛନ୍ତି। ଥିବାବେଳେ ଜଣ ସର୍ବ ମୋଟ ୪୭ ଜଣ ଚିହ୍ନଟ ହୋଇଛନ୍ତି । ରାୟଗଡ଼ା ସହରସ୍ଥିତ ବାଳିକା ବିଦ୍ୟାଳୟ ନିକଟ ସାଇ ଅମୃତ ଏନ୍‌କ୍ଲେଭ୍(ଆପାର୍ଟମେଣ୍ଟ)ରୁ ଜଣେ ପଜିଟିଭ ଚିହ୍ନଟ ହେବାପରେ ଜିଲା

### ସାଇ ଅମୃତ ଏନ୍‌କ୍ଲେଭ୍ କଣ୍ଟେନମେଣ୍ଟ ଜୋନ୍

ପ୍ରଶାସନ ପକ୍ଷରୁ ଉକ୍ତ ଆପାର୍ଟମେଣ୍ଟକୁ ୧୬ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର ଏବଂ ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ କଣ୍ଟେନମେଣ୍ଟ ଜୋନ ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ଯୋଗାଇଦେବାକୁ ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ଦାୟିତ୍ୱ ଦେଇଛନ୍ତି। ରାୟଗଡ଼ା ଏବଂ ଗୁଣପୁର ସହରାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।

### ଜିଲାପାଳଙ୍କ ସଚେତନତା ବାର୍ତ୍ତା

ରାୟଗଡ଼ା ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଏହକୁ ରୋକିବା ନିମନ୍ତେ ସତର୍କତା ଓ ସଚେତନତା ହିଁ ଏକମାତ୍ର ମାଧ୍ୟମ। ଜିଲାରେ ଶନିବାର ଦିନକରେ ୪୭ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୨୪ରେ ପହଞ୍ଚିଛି। ଏହାପରେ ଜିଲାପାଳ ସରୋଜ କୁମାର ମିଶ୍ର ଜିଲାବାସୀଙ୍କ ନିମନ୍ତେ ସଚେତନତା ବାର୍ତ୍ତା ଜାରି କରିଛନ୍ତି। କୋଭିଡ ଗାଇଡ୍‌ଲାଇନ ମାନିଲେ ହିଁ ସଂକ୍ରମଣକୁ ଏଡ଼ାଇ ପାରିବା ବୋଲି ଜିଲାପାଳ ଏଥିରେ କହିଛନ୍ତି। ଏଥିସହ ଶୁକ୍ରବାର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତାକୁ ଦୋହରାଇ ମାସ୍କ, ସାନିଟାଇଜର ବ୍ୟବହାର ଏବଂ ସାମାଜିକ ଦୂରତା ନିୟମ ମାନିଲେ ଲକ୍‌ଡାଉନର ଆବଶ୍ୟକତା ପଡ଼ିବନି ବୋଲି କହିଛନ୍ତି। ଏଥିସହ ଅଯଥା ଭିଡ଼ ନ କରି ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି।

# ନୋଡାଲ୍ ହାଇସ୍କୁଲରେ ସ୍ୱାଗତ, ବିଦାୟ କାର୍ଯ୍ୟକ୍ରମ

ମୁନିଗୁଡ଼ା,୧୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ନୋଡାଲ ହାଇସ୍କୁଲ ପରିସରରେ ଏକ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ନୂତନଭାବେ କାର୍ଯ୍ୟରେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପମୋଦ କୁମାର ପରିଡ଼ାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ସମୀର ରଞ୍ଜନ ସାହୁ, ସମ୍ମାନିତ ଅତିଥି ରୂପେ ଏବିଇଓ ଚିତ୍ତରଞ୍ଜନ ମିଶ୍ର, କରୁଣାକର ସାମଲ, ବରିଷ୍ଠ ଶିକ୍ଷକ ଦାମୋଦର ସାମଲ, ବିନୋଦ ନାୟକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମୋଟୁ ସୀମାରେ ପ୍ରଶାସନର କଡ଼ା ନଜର



ମୋଟୁ ନଦୀ ପୋଲଠାରେ ଅଧିକାରୀମାନେ ଲୋକଙ୍କ ଯାତାୟାତ ଉପରେ ନଜର ରଖିଛନ୍ତି।

ଏମ୍‌ଭି ୭୯,୧୦।୪(ଡି.ଏନ.ଏ)

ରାଜ୍ୟ ଏବଂ ଛତିଶଗଡ଼ରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ସୀମାନ୍ତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ମାଲକାନାଗିରି ଜିଲା କାଲିମେଳା ବ୍ଲକ୍ ସମେତ ମୋଟୁ ସୀମାନ୍ତ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ମୋଟୁ ନଦୀ ପୋଲ ଉପରେ ଏବଂ ଏମ୍‌ଭି ୮୮ ଠାରେ ଶନିବାର ପ୍ରଶାସନ ପକ୍ଷରୁ କଡ଼ାକଡ଼ିଭାବେ ମାସ୍କ ଯାଞ୍ଚ କରାଯାଇଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମାଲକାନାଗିରି ଉପଜିଲାପାଳ ରାମେଶ୍ୱର ପ୍ରଧାନ, କାଲିମେଳା ବିଡିଓ ଉମାଶାଙ୍କର ଦଳେଇ, ମୋଟୁ ତହସିଲଦାର ଶଶାଙ୍କ ମିଶ୍ର, କାଲିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଓ ଆର୍‌ଆଇଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ମାସ୍କ ନ ପିନ୍ଧି ଯାତାୟତ କରୁଥିବା

### ମାସ୍କ, କୋଭିଡ୍ ରିପୋର୍ଟ ଯାଞ୍ଚ କଡ଼ାକଡ଼ି

ଯାତ୍ରୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ୧୨ ତାରିଖରୁ ଅନ୍ୟ ରାଜ୍ୟରୁ ଆସିଥିବା ଲୋକଙ୍କ ମୋଟୁ ଚେକ୍‌ପୋଷ୍ଟରେ ନାମ ପଞ୍ଜୀକରଣ କରାଯିବା ସହ ୭୨ ଘଣ୍ଟା ମଧ୍ୟରେ ହୋଇଥିବା କରୋନା ପରୀକ୍ଷା ରିପୋର୍ଟ ଓ ଟୀକାକରଣ ରିପୋର୍ଟ ମଗାଯିବ। ରିପୋର୍ଟ ନ ଥିଲେ ସେମାନଙ୍କୁ ସଙ୍ଗରୋଧରେ ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ଜରୁରୀ କାମ ନ ଥିଲେ ରାଜ୍ୟ ବାହାରକୁ ନ ଯିବା ଏବଂ ମାସ୍କ ବ୍ୟବହାର କରିବା ନିମନ୍ତେ ଅଧିକାରୀମାନେ ସଚେତନ କରିଥିଲେ। ଅନ୍ୟପଟେ ସୀମାନ୍ତ ଛତିଶଗଡ଼ରେ କୋରନାର ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ସମସ୍ତ ସୀମା ଉପରେ ନଜର ରଖାଯାଇଥିବା କୁହାଯାଇଛି।

# ବର୍ଷାରେ ଲିଭିଲା ଜଙ୍ଗଲ ନିଆଁ

ମାଲକାନଗିରି,୧୦।୪(ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲା ବଣ୍ଡାଘାଟିଠାରୁ ଆରମ୍ଭ କରି ସ୍ୱାଭିମାନ ଅଞ୍ଚଳ, ଚିତ୍ରକୋଣ୍ଡା, ବାଲିମେଳା, କାଲିମେଳା, ମୋଟୁ, ପଡ଼ିଆ, ମାଲକାନଗିରି, ମାଥିଲି ଆଦି ଅଞ୍ଚଳରେ ଗତ କିଛିଦିନ ଧରି ଜଙ୍ଗଲ ଓ ପାହାଡ଼ଗୁଡ଼ିକରେ ନିଆଁ ଲାଗିଥିଲା। ହେଲେ ପ୍ରକୃତିର ଆଶୀର୍ବାଦ ସ୍ୱରୂପ ଶନିବାର ଜିଲାର ବିଭିନ୍ନ ଅଞ୍ଚଳରେ ସ୍ୱଳ୍ପରୁ

### ବନ୍ୟଜନ୍ତୁ, ଜନସାଧାରଣ, ବନ ବିଭାଗ ଆଶ୍ୱସ୍ତ

ମଧ୍ୟମ ଧରଣର ବର୍ଷା ହୋଇଥିଲା। ଏଥିରେ ସମସ୍ତ ଜଙ୍ଗଲ ଓ ପାହାଡ଼ ନିଆଁ ଲିଭିଯାଇଛି। ଜିଲାର ମାଲକାନଗିରି ସଦର ସମେତ ବାଲିମେଳା, କୋରୁକୋଣ୍ଡା ଆଦି ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଜଙ୍ଗଲର ବୃକ୍ଷଲତା, ବନ୍ୟଜନ୍ତୁ ଏବଂ ଜନସାଧାରଣ ଏବଂ ବନ ବିଭାଗ ସମସ୍ତେ ଆଶ୍ୱସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେକ ଦିନ ଜଙ୍ଗଲରେ ନିଆଁ ଲାଗିବା ନେଇ ଖବର ପ୍ରଚାର, ପ୍ରସାର ହେବାପରେ ବନ ବିଭାଗ ମଧ ସମାଲୋଚନାର ସମ୍ମୁଖୀନ ହୋଇଥିଲା। ତେବେ ବିନ ବିଭାଗ କର୍ମଚାରୀମାନେ ରାତି ଦିନ ଏକ କରି ମଧ ନିଆଁ ଲିଭାଇବା କାଠିକର ପାଠ ହୋଇଥିଲା। ଏବେ ବର୍ଷା ସେମାନଙ୍କୁ ସାମାନ୍ୟ ଆଶ୍ୱସ୍ତ କରିଛି।

# ଯାତ୍ରୀ ବିଶ୍ରାମାଗାର ଲୋକାର୍ପିତ

ଗୁଣପୁର,୧୦।୪(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ସହର ବାଇପାସ ଛକରେ ଶନିବାର ଏକ ଯାତ୍ରୀ ବିଶ୍ରାମଗାର ଲୋକାର୍ପିତ ହୋଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏମପି ପାଣ୍ଠିରୁ ୭ ଲକ୍ଷ ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କ ସମେତ ଜିଲା କଂଗ୍ରେସ ସଭାପତି ଦୂର୍ଗା ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ନଗର ସଭାପତି ଶ୍ରୀକାନ୍ତ ବେହେରା, ଏମ୍‌ପି ପ୍ରତିନିଧି ଏସ୍.ବାବା ପ୍ରସାଦ, ବରିଷ୍ଠ ନେତା ରଘୁପାତ୍ରଙ୍କ ସମେତ ଗୁଣପୁର, ପଦ୍ମପୁର, ଗୁଡାରୀ,ରାମନାଗୁଡା ଅଞ୍ଚଳର ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।




ଉଦ୍‌ଘାଟନ ଅବସରରେ ଏମ୍‌ପି ଏବଂ ଅନ୍ୟମାନେ।

# ଲୋକ ଅଦାଲତରେ ୯୯ ମାମଲାର ଫଇସଲା

ରାୟଗଡ଼ା ଅଫିସ,୧୦।୪

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ ଏବଂ କାଶୀପୁରରେ ଦୀର୍ଘ ଦିନ ଧରି ପଡ଼ିରହିଥିବା ୯୯ ମାମଲାର ଫଇସଲା କରାଯାଇଛି। ଏଥିରୁ ଜରିମାନା ବାବଦକୁ ୮୫, ୦୪, ୨୭୭ ଟଙ୍କା ଏବଂ ପ୍ରିଲିଟିଗେସନ ସମ୍ବନ୍ଧୀୟ ୨୦ ମାମଲାର ଫଇସଲା କରାଯାଇ ୨, ୦୫, ୨୦୦ଟଙ୍କା ଆଦାୟ କରାଯାଇଛି। ଡିଏଲ୍‌ଏସ୍‌ଏର ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ମଳୟ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସ୍ଥାୟୀ ଲୋକ ଅଦାଲତର ଜଜ୍ ହିମାଂଶୁ ଶେଖର ବ୍ରହ୍ମା, ପରିବାର ଅଦାଲତର ଜଜ୍ ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ବରିଷ୍ଠ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ବରିଷ୍ଠ ଦେୱାନୀ ବିଚାରପତି ସୁଶାନ୍ତ କୁମାର ମିଶ୍ର, ଡିଏଲ୍‌ଏସ୍‌ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ଅର୍ଣ୍ଣବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର କୁମାର ଦାସ, ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ସୁବାସିନୀ ବେହେରା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା, ଗୁରୁଚରଣ ଜେନାମଣି ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।




ଲୋକ ଅଦାଲତରେ ଅଂଶଗ୍ରହଣ ପୂର୍ବରୁ ହାତ ସାନିଟାଇଜ୍ କରାଯାଉଛି।

# କୋଭିଡ୍ ନିୟମ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ

କୋରାପୁଟ,୧୦।୪(ସ୍ୱ.ପ୍ର.)

କୋରାପୁଟ ଜିଲାରେ କୋରନା ସ୍ଥିତି ଦିନକୁ ଦିନ ବିଗିଡୁଥିବାରୁ ଜିଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଶନିବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଜୟପୁର ଉପଜିଲାପାଳ ହେମକାନ୍ତ ସାଏ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ,ବିଡିଓ, ତହସିଲଦାର, ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ କୋଭିଡ୍ ଗାଇଡ୍‌ଲାଇନ କିପରି କଡ଼ାକଡ଼ି ପାଳନ କରାଯିବ ସେ ଦିଗରେ ପଦକ୍ଷେପ

### ଜିଲାପାଳଙ୍କ ସମୀକ୍ଷା ବୈଠକ

ନେବାକୁ ବୈଠକରେ ଆଲୋଚନା କରାଯାଇଛି।

ଛତିଶଗଡ଼ରେ ଏବେ କୋଭିଡ ସ୍ଥିତି ସଙ୍ଗୀନ। ତେଣୁ କୋରାପୁଟ-ଛତିଶଗଡ ସୀମା ସିଲ୍ କରାଯାଇଛି। ଏଥିସହ ସମସ୍ତ ପବ୍ଲିକ ଟ୍ରାନସପୋର୍ଟ ବନ୍ଦ କରାଯାଇଛି। ସେହିପରି ସମସ୍ତ ମାଲବାହୀ ଟ୍ରକର ରେକର୍ଡ ଯାଞ୍ଚ ପରେ ଜିଲା ଭିତରକୁ ଛଡାଯାଉଛି। ଛତିଶଗଡ଼ରୁ ଆସୁଥିବା ଲୋକେ ଓଡ଼ିଶାକୁ ପ୍ରବେଶବେଳେ ସେମାନଙ୍କ କୋଭିଡ୍‌ରିର୍ପୋଟ ଦେଖାଇବେ। ଜିଲାରେ ଏବେ କୋରାପୁଟ ମେଡିକାଲ କଲେଜରେ ଥିବା କୋଭିଡ ହସ୍ପିଟାଲ ଚାଲୁ ରହିଛି। ଦୁଇ ତିନିଦିନ ମଧ୍ୟରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ପଡିଲେ ଜୟପୁର ଓ କୋରାପୁଟଠାରେ ଥିବା ଟିଏମ୍‌ସିକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଥିବା କ୍ଲଷ୍ଟରଗୁଡିକୁ କାର୍ଯ୍ୟକ୍ଷମ କରାଯିବ ବୋଲି ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଜିଲାରେ ଥିବା ହାଟଗୁଡ଼ିକୁ ବନ୍ଦ କରାଯିବାର ପ୍ରସ୍ତାବ ନାହିଁ। କେବଳ ହାଟରେ କିପରି ଜନ ଗହଳି ହେବ ନାହିଁ ସେ ଦିଗରେ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୩ ଲକ୍ଷ ୧୩ ହଜାର ଜରିମାନା

କୋରାପୁଟ,୧୦।୪(ସ୍ୱ.ପ୍ର.)

କୋରାପୁଟ ଟାଉନ ଥାନା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ (ଆରଟିଓ) ଶନିବାର ସହରର ବିଭିନ୍ନ ସ୍ଥାନରେ ହେଲ୍‌ମେଟ୍ ଜେକିଂ କରି ଜରିମାନା ଆଦାୟ କରିଛି। କୋରାପୁଟ ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶନ୍ନ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଓଏମ୍‌ପି ସମେତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଡବଲ୍ ହେଲ୍‌ମେଟ୍ ନିୟମକୁ ଖିଲାପ

### ପୋଲିସ, ଆରଟିଓର ମିଳିତ ଯାଞ୍ଚ

କରୁଥିବା ଗାଡିରୁ ୩ଲକ୍ଷ ୧୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟାଉନ ଥାନା ପୋଲିସବିଭିନ୍ନ ସ୍ଥାନରେ ମାସ୍କ ପିନ୍ଧିନଥିବା ଗାଡି ଚାଳକ ଓ ଲୋକଙ୍କଠାରୁ ୫ ହଜାର ୧୦୦ ଟଙ୍କା ଜୋରିମାନା ଆଦାୟ କରିଛି ବୋଲି ଥାନାଧିକାରୀ କହିଛନ୍ତି। ଏହି ଚଢାଉରେ ଏସ୍‌ଆଇ ସୁଦର୍ଶନ ଅଧିକାରୀ, ଚିତରଞ୍ଜନ ପ୍ରଧାନୀ, ଯଶୋବନ୍ତ ସାଲିମାଙ୍କ ସମେତ ବହୁ ପୋଲିସ ଓ ଆରଟିଓ ବିଭାଗ ଅଧିକାରୀମାନେ ସାମିଲ ହୋଇଥିଲେ।



# ଆମାଜନରେ ମିଳିବ ରାୟଗଡ଼ା ତେନ୍ତୁଳି, ଝାଡୁ

ଟିକିରି,୧୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ଦେଶୀ ଉତ୍ପାଦ ତେନ୍ତୁଳି ଏବଂ ଝାଡୁ ଏଣିକି ଅନ୍‌ଲାଇନରେ ଉପଲବ୍ଧ ହେବ। ଏଥିପାଇଁ ଆମାଜନ ସହ ପଞ୍ଜୀକରଣ ପ୍ରକ୍ରିୟା ୩ରୁ ୬ମାସ ମଧ୍ୟରେ ଶେଷ ହେବାପରେ ଏହା ଅନ୍‌ଲାଇନ ମାର୍କେଟକୁ ଯିବ। ଏହାଦ୍ୱାରା ଜିଲାର ଉତ୍ପାଦିତ ଦେଶୀ ଦ୍ରବ୍ୟର ଲୋକପ୍ରିୟତା ବଢ଼ିବା ସହ ଅନେକ ଲୋକ ରୋଜଗାର ପାଇବେ। ଫଳରେ ଜିଲାର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ।

ରାୟଗଡ଼ା ଜିଲାରେ ପ୍ରତିବର୍ଷ ୧ହଜାରରୁ ଉର୍ଦ୍ଧ୍ୱ ଟନ୍ ତେନ୍ତୁଳି ଉତ୍ପାଦନ ହୋଇଥାଏ। ତେଣୁ ଏହାର ଆନୁମାନିକ ବଜାର କାରବାର ୩୫ରୁ ୪୦ ଲକ୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଦକ୍ଷିଣ ଓଡ଼ିଶା ଏବଂ ଦକ୍ଷିଣ ଭାରତରେ ତେନ୍ତୁଳିର ଅଧିକ ବ୍ୟବହାର ହୋଇଥାଏ। ରାୟଗଡ଼ା ଅଞ୍ଚଳରେ ଅଧିକ ତେନ୍ତୁଳି ଉତ୍ପାଦନ ହେଉଥିବାବେଳେ ଆନ୍ଧ୍ର ଏବଂ ତେଲଙ୍ଗାନାର ବ୍ୟବସାୟୀ ଜିଲାରୁ ଶାଗ ମାଛ ଦରରେ ତାହା କିଣି ନେଉଛନ୍ତି।



ମହିଳାମାନେ ଝାଡୁ ପ୍ରସ୍ତୁତ କରୁଛନ୍ତି ।

- ଉପକୃତ ହେବେ ଜିଲାର କାରିଗର
- ସହଯୋଗ କରିବ ଓର୍‌ମାସ
- ସ୍ଥାପନ ହେବ ୪ ତେନ୍ତୁଳି ପ୍ରକ୍ରିୟାକରଣ ମେଶିନ

ତେଣୁ ତେନ୍ତୁଳିର ପ୍ରକ୍ରିୟାକରଣ କରାଯାଇ ବଜାରରେ ବିକ୍ରି ନିମନ୍ତେ ଓର୍‌ମାସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉତ୍ପାଦକ ଗୋଷ୍ଠୀ ଗଠନ କରାଯିବା ସହ ପ୍ରତ୍ୟେକ ଗୋଷ୍ଠୀରେ ଜଣେ ଲେଖାଏ ଉଦ୍ୟୋଗୀ ମିତ୍ରଙ୍କୁ ନିୟୋଜିତ କରାଯାଇଛି। ଗୋଷ୍ଠୀର ପରିଚାଳନା ସକାଶେ ଉଦ୍ୟୋଗୀ ମିତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଚାହିଦା ମୁତାବକ ଉତ୍ପାଦନ, ସାମଗ୍ରୀ ତିଆରିରେ ଆବଶ୍ୟକ କଞ୍ଚାମାଲ ଯୋଗାଇବା ଏବଂ ସାମଗ୍ରୀର ବଜାରୀକରଣ କରିବାରେ ଉଦ୍ୟୋଗୀ ମିତ୍ର ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି। ତେନ୍ତୁଳି ପ୍ରକ୍ରିୟାକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୪ ବ୍ଲକ୍ ଯଥା ମୁନିଗୁଡ଼ା, ବିଷମକଟକ, କାଶୀପୁର ଏବଂ କଲ୍ୟାଣସିଂହପୁର ଆଦି ସ୍ଥାନରେ ମେଶିନ ସ୍ଥାପନ କରାଯାଇ ଉତ୍ପାଦନ ଓ ପ୍ରକ୍ରିୟାକରଣର ଲକ୍ଷ୍ୟ ରହିଥିବା ସୂଚନା ମିଳିଛି। ପ୍ରାଥମିକ ପର୍ଯ୍ୟାୟରେ ୩ ଲକ୍ଷ ଟଙ୍କା ଲେଖାଏ ୪ ସ୍ଥାନରେ ମୋଟ ୧୨ ଲକ୍ଷ ଟଙ୍କା ବ୍ୟୟରେ ଏହି ମେଶିନ ସ୍ଥାପନ ନେଇ ଲକ୍ଷ୍ୟ ରହିଛି। ଏଥିନିମନ୍ତେ ଆବଶ୍ୟକ ନିବେଶ ପାଣ୍ଠି ଓର୍‌ମାସ ପକ୍ଷରୁ ପ୍ରଦାନ କରିବାକୁ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସେହିପରି ପାହାଡ଼ିଆ ଫୁଲଝାଡୁ ମଧ ଶୀଘ୍ର ଆମାଜନରେ ଉପଲବ୍ଧ ହେବ। ସମଗ୍ର ଦେଶବାସୀଙ୍କ ନିକଟରେ ଏଠାକାର ଝାଡୁ ପହଞ୍ଚିପାରିବ। ଏହି ଝାଡୁ ପ୍ରସ୍ତୁତିରେ ନିୟୋଜିତ କାଶୀପୁର, କଲ୍ୟାଣସିଂହପୁର ଓ ବିଷମକଟକ ବ୍ଲକ୍‌ର ୧ହଜାରୁ ଉର୍ଦ୍ଧ୍ୱ କାରିଗର ଏଥିରୁ ସିଧାସଳଖ ଉପକୃତ ହେବେ। ଜିଲାରେ ପ୍ରତିବର୍ଷ ଏଥିରୁ ପ୍ରାୟ ୭ରୁ ୮ ଲକ୍ଷ ଟଙ୍କାର କାରବାର ହେଉଥିବାବେଳେ ଏବର୍ଷ ଏହାକୁ ୨୦ରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ଲକ୍ଷ୍ୟ ରହିଥିବା ଓର୍‌ମାସ ପକ୍ଷରୁ କୁହାଯାଇଛି।



